ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ପରିଦର୍ଶନ

ଭୁବନେଶ୍ୱର, ୨୯ ଅଗଷ୍ଟ, ୨୦୧୯

ଆଜି ସକାଳେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ନତାଲାରେ ଅବସ୍ଥିତ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ପରିଦର୍ଶନ କରିଛନ୍ତି ।

ମନ୍ତ୍ରୀ ଡ. ସାହୁ ଆଜି ସକାଳ ୧୦ଟାରେ ନିର୍ଦ୍ଦେଶାଳୟରେ ଅଚାନକ ପହଞ୍ଚିଥିଲେ । ମନ୍ତ୍ରୀ ଡ. ସାହୁ କାର୍ଯ୍ୟାଳୟରେ ଲାଗିଥିବା ବାୟୋମେଟ୍ରିକ୍ ସହ କର୍ମଚାରୀମାନଙ୍କ ଉପସ୍ଥାନ ଯାଞ୍ଚ କରିଥିଲେ । ପ୍ରତି ସପ୍ତାହରେ ବାୟୋମେଟ୍ରିକ୍ ଯାଞ୍ଚ କରାଯାଉଥିବା ବିଷୟରେ ମନ୍ତ୍ରୀ ପଚାରି ବୁଝିଥିଲେ । କର୍ମଚାରୀମାନଙ୍କ ସହିତ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀଙ୍କ ୫ 'ଟି' ସୂତ୍ର ଆଧାରରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ । କର୍ମଚାରୀମାନେ ସମୟାନୁବର୍ତ୍ତୀ ହୋଇ ଠିକ୍ ସମୟରେ କାର୍ଯ୍ୟାଳୟ ଅସିବା ପାଇଁ ସେ କହିଥିଲେ । ନିର୍ଦ୍ଧାରିତ ସମୟରେ ମଧ୍ୟରେ ପ୍ରତ୍ୟେକ ଫାଇଲ କାର୍ଯ୍ୟ ସାରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । କର୍ମଚାରୀମାନେ ସେମାନଙ୍କର ନିଷ୍ଠା ଓ କର୍ତ୍ତବ୍ୟପରାୟଣତା ବଳରେ ରାଜ୍ୟର ପ୍ରଗତିରେ ଭାଗୀଦାର ହେବାକୁ ମନ୍ତ୍ରୀ ଡ. ସାହୁ ପରାମର୍ଶ ଦେଇଥିଲେ ।

ତାପସ କୁମାର ସାହୁ
ସୂଚନା ଅଧିକାରୀ